# Akashvani, Sambalpur

## SAMBALPURI NEWS EVENING BULLETIN

**9 June 2024- 7.02 pm- 7.12 pm.**

*********************************************

୧- ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ୩ ନମ୍ବର୍ ଥର୍ ଲାଗି ଆଉ କିଛି ସମିଆ ଉତ୍‌ରୁ ଶପଥ୍ ନେବେ ଏନ୍‌ଡିଏ ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ।

୨- ଆଏବା ୧୨ ତାରିଖ୍ ଦିନ ହେବା ରାଜ୍ୟର୍ ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ସମାରୋହ ।

୩- ବାହାର୍‌ଲା ଜେଇଇ ଆଡ଼ଭାନ୍ସ-୨୦୨୪ର ପରୀକ୍ଷାଫଲ୍ ।

୪- ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ସମ୍ବଲ୍‌ପୁର୍ ସହର୍ ହେଇଛେ ଉତ୍ସବ୍‌ମୁଖର୍ ।

ଆଉର୍

୫- ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ହେଇପାରେ ବର୍ଷା ।

କେନ୍ଦ୍ର ମନ୍ତ୍ରିମଣ୍ଡଲ୍- ଶପଥ୍ ସମାରୋହ ଆର୍ଏନ୍ୟୁ
/ସମ୍ବଲପୁର

ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଂଟ- ଏନ୍‌ଡିଏର ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଆଏଜ୍ ସଞ୍ଜ୍‌ବେଲା ୭ ବାଜିକରି ୧୫ ମିନିଟ୍‌ଥି ଲଗାତାର୍ ୩ ନମ୍ବର୍ ଥର୍ ଲାଗି ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେବେ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଶ୍ରୀ ମୋଦୀ ଆର୍ ତାଙ୍କର୍ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କୁ ପଦ ଆର୍ ଗୋପନୀୟତାର୍ ଶପଥ୍ ପାଠ୍ କରାବେ । ଶପଥ୍ ଗ୍ରହଣ୍ ସମାରୋହଥି ଯୋଗ୍ ଦେବାର୍‌କେ ପଡ଼ୋଶୀ ଦେଶ୍‌ମାନ୍‌କର୍ ମୁଖିଆମାନ୍‌କୁ ନିଉତା ଦିଆଯାଇଥିବାର୍ ବେଲେ ସେମାନେ ଆସିକରି ନୂଆଦିଲ୍ଲୀ ନ ପୁହୁଁଚିଛନ୍ । ଶ୍ରୀଲଙ୍କାର୍ ରାଷ୍ଟ୍ରପତି ରାନିଲ୍ ୱିକ୍ରମ୍‌ସିଂହେ, ନେପାଲ୍‌ର ପ୍ରଧାନ୍‌ମନ୍ତ୍ରୀ ପୁଷ୍ପକମଲ୍ ଦହଲ୍ -ପ୍ରଚଣ୍ଡ, ବାଙ୍ଗଲାଦେଶ୍‌ର ପ୍ରଧାନ୍‌ମନ୍ତ୍ରୀ ଶେଖ୍ ହସିନା, ସିଚିଲସ୍‌ର ଉପରାଷ୍ଟ୍ରପତି ଅହମ୍ମଦ୍ ଅଫିଫ୍, ମାଲ୍‌ଦୀପ୍‌ର ରାଷ୍ଟ୍ରପତି ଡକ୍ଟର୍ ମହମ୍ମଦ୍ ମୁଇଜ୍ଜୁ, ମୋରିସସ୍‌ର ପ୍ରଧାନ୍‌ମନ୍ତ୍ରୀ ପ୍ରବୀଣ୍ କୁମାର୍ ଜୁଗନ୍ନଥ, ଆର୍ ଭୂଟାନ୍‌ର ପ୍ରଧାନ୍‌ମନ୍ତ୍ରୀ ସେରିଙ୍ଗ୍ ଟୋବ୍‌ଗେ ଶପଥ୍ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେବାର୍ ଆଘୋନୁ ଶ୍ରୀ ମୋଦୀ ନୂଆଦିଲ୍ଲୀର୍ ରାଜ୍‌ଘାଟ୍ ନ ମାହାତ୍ମାଗାନ୍ଧୀ ଆର୍ ସଦୈବ୍ ଅଟଲ୍ ନ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍‌ବିହାରୀ ବାଜପେୟୀଙ୍କର୍

ସମାଧିଥି ଶ୍ରଦ୍ଧାସୁମନ୍ ଅର୍ପଣ୍ କରିଛନ୍ । ଇତାର୍‌ଛଡ଼ା ସେ ଜାତୀୟ ଯୁଦ୍ଧ ସ୍ମାରକୀ ନ ଭିଲ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଅଷ୍ଟାଦଶ ଲୋକ୍‌ସଭାଥି ବିଜେପି ନେତୃତ୍ୱଥି ଏନ୍‌ଡିଏ ୨ ଶହ ୯୩ ଟା ଆସନ୍ ଜିତିକରି ସଂଖ୍ୟା ଗରିଷ୍ଠତା ହାସଲ୍ କରିଛେ ।

ସେଆଡ଼େ ଆକାଶ୍‌ବାଣୀ କଟକ୍ କେନ୍ଦ୍ର ତର୍‌ଫୁ ଆଏଜ୍ ସଞ୍ଜ୍‌ବେଲାର୍ ୬ ବାଜିକରି ୪୫ ମିନିଟ୍‌ନୁ ଓଡ଼ିଆ ଭାଷାଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ସମାରୋହର୍‌ର ସିଧା ପ୍ରସାରଣ୍ କରାଯିବା ।

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ନୂଆଁ ମୁଖ୍ୟମନ୍ତ୍ରୀ ଚୟନ୍ ବାବ୍‌ଦେ ଭାରତୀୟ ଜନତା ପାର୍ଟି ସଂସଦୀୟ ବୋର୍ଡ଼ ଚୂଡ଼ାନ୍ତ ନିଷ୍ପତି ନେବା । ହେଥିର୍‌ଲାଗି ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ସମାରୋହ ଆଏବାକାଏଲ୍ ବଦ୍‌ଲା ୧୨ ତାରିଖ୍ ଦିନ ହେବା ବଲି ରାଜ୍ୟ ବିଜେପିର୍ ମୁଖପାତ୍ର ଜତୀନ୍ ମହାନ୍ତି ସୂଚ୍‌ନା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ ଆଏବା ୧୧ ତାରିଖ୍ ବିଜେପି ବିଧାୟକ୍ ଦଲର୍ ବୈଠକ୍ ହେବା ଆଉ ସେନ ମୁଖ୍ୟମନ୍ତ୍ରୀଙ୍କର୍ ନାଁ ଘୋଷ୍‌ନା କରାଯିବା ।

ସେଆଡ଼େ ଭୁବନେଶ୍ୱର୍ ଜନତା ମଇଦାନ୍ ନ ହେବାର୍‌କେ ଥିବା ଶପଥ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀ ଆର୍ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ହେଥିର୍‌ଲାଗି ଜନତା ମଇଦାନ୍ ନ ପ୍ରସ୍ତୁତି ସଙ୍ଗେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଉଛେ ।

ଜେଇଇ ଆଡ଼ଭାନ୍ସ ଫଲାଫଲ ଆର୍‌ଏନ୍‌ୟୁ/ କଟକ୍

ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ଆଡ଼ଭାନ୍ସ -୨୦୨୪ର ଫଲାଫଲ୍ ଆଏଜ୍ ବାହାରିଛେ । ହେଥି ମୋଟ୍ ୪୮ ହଜାର୍ ୨ ଶହ ୪୮ ଝନ୍ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେଇଛନ୍ । ଛାତ୍ରଛାତ୍ରୀମାନେ ଆଇଆଇଟି ଜେଇଇ ଏଡ଼୍‌ଭାନ୍ସର ୱେବ୍‌ସାଇଟ୍ www.jeeadv.ac.in ଥୁ ପରୀକ୍ଷାଫଲ୍ ଦେଖିପାର୍‌ବେ । ଆଏବା ୧୦ ତାରିଖ୍‌ନୁ କୃତକାର୍ଯ୍ୟ ହେଇଥିବା ଛାତ୍ରଛାତ୍ରୀମାନେ କାଉନ୍‌ସେଲିଂ ଜରିଏ ଦେଶର୍ ୨୩ ଟା ଆଇଆଇଟିଥି ନାଁ ଲେଖେଇପାର୍‌ବେ ।

ପୁନଃନିଯୁକ୍ତି ତଥ୍ୟ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ବିଭାଗ୍‌ଥି ଅବସର ଉତ୍‌ରୁ ଫେର୍‌ଘାଏ ନିଯୁକ୍ତି ପାଇଥିବା କର୍ମଚାରୀମାନ୍‌କର୍ ତଥ୍ୟ ଜନାବାର୍‌କେ ଗୃହବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଗୁଟେ ନିର୍ଦ୍ଦିଷ୍ଟ ଫର୍ମାଟ୍‌ଥି କର୍ମଚାରୀଙ୍କର୍ ନାଁ, ପଦ୍‌ବୀ, ବିଭାଗ୍‌ର ନାଁ, ପୁନଃ ନିଯୁକ୍ତି ସମିଆ ଆର୍ ଦର୍‌ମା ବାବ୍‌ଦେ ଜନାବାର୍‌କେ କୁହାଯାଇଛେ । ରାଜ୍ୟ ଗୃହବିଭାଗ୍‌ର ଓଏସ୍‌ଡିଙ୍କର୍ ତର୍‌ଫୁ ଇ ବାବ୍‌ଦେ ପୁଲିସ୍ ମହାନିର୍ଦ୍ଦେଶକ୍ ନୂଆଦିଲ୍ଲୀ ନ ଥିବା ଓଡ଼ିଶା ଭବନ୍‌ର ସିଇଓ, ଅଗ୍ନିଶମ ବିଭାଗ୍‌ର ମହାନିର୍ଦ୍ଦେଶକ୍, ଗୁଇନ୍ଦା ନିର୍ଦ୍ଦେଶକ୍, ଜେଲ୍ ମହାନିର୍ଦ୍ଦେଶକ୍, ଓଡ଼ିଶା ପୁଲିସ୍, ଗୃହନିର୍ମାଣ ଆଉ କଲ୍ୟାଣ୍ ନିଗମ୍, ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର୍, ଜୁଡ଼ିସିଆଲ୍ ଏକାଡେମୀ ନିର୍ଦ୍ଦେଶକ୍, ପବ୍ଲିକ୍ ପ୍ରସିକ୍ୟୁସନ୍ ନିର୍ଦ୍ଦେଶକ୍, ରାଜ୍ୟ ସୈନିକ୍ ବୋର୍ଡ଼ର ସଚିବ ଆର୍ ରାଜ୍ୟ ଅତିଥି ଭବନ୍‌ର ମହାପ୍ରବନ୍ଧକଙ୍କୁ ଚିଠି ଲେଖାଯାଇଥିବା ଜନାପଡ଼ିଛେ ।

ବିଶ୍ୱ ଅଭିଲେଖାଗାର ଦିବସ୍          ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ବିଶ୍ୱ ଅଭିଲେଖାଗାର ଦିବସ୍ ପାଲନ୍ କରାଯାଉଛେ । ଅଭିଲେଖାଗାରର ଉପଯୋଗିତା ଆର୍ କାର୍ଯ୍ୟକାରିତା ବାବ୍‌ଦେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୧୯୦୭ ମସିହା ଜୁନ୍ ୯ ତାରିଖ୍ ଦିନ ଆନ୍ତର୍ଜାତୀୟ ଅଭିଲେଖା ପରିଷଦ୍

ତର୍‌ଫୁ ବିଶ୍ୱ ଅଭିଲେଖାଗାର ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା । ଇ ବଛର୍ ସାଇବର୍ ଆର୍‌କାଇଭ୍‌ସ୍ ବାର୍ତା ନେଇକରି ବିଶ୍ୱ ଅଭିଲେଖାଗାର ଦିବସ୍ ପାଲନ୍ କରାଯାଉଛେ ।

ନୃସିଂହ ନିଉତା ବରଗଡ଼୍/ ସମ୍ବଲପୁର୍ ସମ୍ବାଦଦାତା

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ଦେବଦେବ ମହାଦେବ ଆର୍ ଜଗତ୍‌ଜନନ ମାତା ପାର୍ବତୀଙ୍କର୍ ଲୌକିକ ବିହା ଲାଗି ପତର୍‌ପେଁଡ଼ି ବିଧି ହେଇଯାଇଛେ । ଆଏବା କାଏଲ୍ ଦେବଦେବ ମହାଦେବ ଇ ବଛ୍‌ରର୍ କନ୍ୟାପକ୍ଷ ଘର୍‌କେ ବରାତି ଯିବେ ଆର୍ ବ୍ରାହ୍ମମୁହୂର୍ତଥି ଦେବଦମ୍ପତିଙ୍କର୍ ଲୌକିକ ବିହା ହେବା । ଆସୁନ୍ ଶୁନ୍‌ମା ଇ ବାବ୍‌ଦେ ସମ୍ବାଦଦାତା ଗୁଣମଣି ବିଶ୍ୱାଲଙ୍କର୍ ରିପୋର୍ଟ....

(ଭଏସ୍ ଓଭର୍- ଗୁଣମଣି ବିଶ୍ୱାଲ୍)

ସେନ୍ତା ବରଗଡ଼୍ ଜିଲ୍ଲା ବର୍‌ପାଲି ନ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଗଲା କାଏଲ୍ ପତର୍‌ପେଁଡ଼ି ହେଇଯାଇଛେ । ବାବା କପିଳେଶ୍ୱର୍‌ଙ୍କର୍ ସଙ୍ଗେ ଜଗତ୍‌ଜନନୀ ପାର୍ବତୀଙ୍କର୍ ବିହା ଲାଗି ହିମାଦ୍ରୀନଗର୍ ନ ପତର୍‌ପେଁଡ଼ି କାର୍ଯ୍ୟକ୍ରମ୍

ହେଇଥିଲା । ପଦ୍ମପୁର୍‌ର ସ୍ୱପ୍ନେଶ୍ୱର୍ ବାବା ଆର୍ ରାମେଶ୍ୱର୍ ବାବାଙ୍କର୍ ବିହା ଲାଗି ଭିଲ୍ ପତର୍‌ପେଁଡ଼ି ହେଇଯାଇଛେ ।

ରଥ ତିଆରି ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ଲାଗି ତିନ୍‌ହି ରଥର୍ ୪୨ ଟା ଚକା ତିଆର୍ କାମ୍ ସରିଛେ । ଶ୍ରୀନଅର ନ ଥିବାର୍ ଅସ୍ଥାୟୀ ରଥଖଳା ନ ରଥର ପାଟଦଣ୍ଡା ଚଉପଟ କାମ୍ ଚାଲିଛେ । ତିନ୍‌ହି ରଥର୍ ତିନିଭୂଇଁର୍ ଲାଗି ୧୨ ଟା ଲେଖା ଚଉପଟ ଭୂଇଁଚଉତା କାଠଥି ପାକୁଡ଼ା ବିନ୍ଧ କାମ୍ ମୁଲ୍ ହେଇଛେ । ଇତାର୍‌ସଙ୍ଗେ ତିନ୍‌ହି ରଥର୍ ଚାର୍‌ହି ନାହାକା ତିଆରି ଲାଗି ପହେଲା ଖେପେ ୨ ଟା ଲେଖା ୨୦ ଫୁଟିଆ ଧଅଁରା କାଠ୍ ଯୁଗେଇ ଦିଆଯାଇଛେ । ରୂପକାର୍ ସେବକମାନେ କୋଣଗୁଜନ ଆର୍ ସିଂହବିଡ଼ାଲ କାମ୍ ଖୁଦେଇ ସାଙ୍ଗେ ପାଲିସ୍ କାମ୍ କରୁଛନ୍ । ଦୋଳବେଦୀ ଅସ୍ଥାୟୀ କମାର ଶାଳଥି ଓଝା ସେବକମାନେ ଗୟଲକଂଟା, ଭୂଇଁକଂଟା ଆର୍ ବିଡ଼ିଆ କଂଟା ତିଆର୍ କରୁଛନ୍ । ସେଆଡ଼େ ୫୩ ବରସ୍ ଉତ୍‌ରୁ ଇ ବଛର୍ ୧୩ ଦିନିଆ ପକ୍ଷ ପଡୁଥିବାର୍‌ନୁ ଶ୍ରୀକ୍ଷେତ୍ର ପୁରୀ ନ ଆଏବା ମାସର୍ ୭ ତାରିଖ୍ ଦିନ ଗୁଟେ ଦିନେ ଶ୍ରୀଜୀଉମାନ୍‌କର୍ ନବଯୌବନ ଦର୍ଶନ୍, ନେତ୍ରୋତ୍ସବ୍ ଆର୍ ଶ୍ରୀଗୁଣ୍ଡିଚା ଯାତ୍ରା ହେବା । ସବୁନୀତିକାନ୍ତି ଆର୍ ରଥ୍‌ଘିଚା ଯେନ୍ତା ଶୃଙ୍ଖଲିତ୍ ଭାବେ

ହେଇପାର୍‌ବା ହେଥିର୍‌ଲାଗି ଗଲାକାଏଲ୍ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ହେଇଯାଇଛେ ।

ନିଟ୍ -ୟୁଜି ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ନାତକ ମେଡ଼ିକାଲ୍ ପାଠ୍ୟକ୍ରମ୍ ଲାଗି ଜାତୀୟ ଯୋଗ୍ୟତା ପ୍ରବେଶିକା - ନିଟ୍ ୟୁଜି-୨୦୨୪ ପରୀକ୍ଷାଥି ୧୫ ଶହ ନୁ ଅଏତ୍‌କା ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିବାର୍ ବେଲେ ହେତାର୍ ସମୀକ୍ଷା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଲୟ ତର୍‌ଫୁ ୪ ଝନିଆ କମିଟି ଗଠନ୍ କରାଯାଇଛେ । ଜାତୀୟ ପରୀକ୍ଷଣ୍ ସଂସ୍ଥା-ଏନ୍‌ଟିଏର ମହାନିର୍ଦ୍ଦେଶକ ସୁବୋଧ୍ କୁମାର୍ ସିଂ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ହେ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, କେନ୍ଦ୍ରୀୟ ଲୋକସେବା ଆୟୋଗ୍ - ୟୁପିଏସ୍‌ଇର ଝନେ ଆଘର୍ ଅଧ୍ୟକ୍ଷ ୪ ଝନିଆ କମିଟିର ମୁଖିଆ ରହେବେ । କମିଟି ହପ୍ତେ ଭିତ୍‌ରେ ତାଙ୍କର୍ ସୁପାରିଶ୍ ଦେବେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମେ ମାସର୍ ୫ ତାରିଖ୍ ଦିନ ନିଟ୍ ପରୀକ୍ଷା ହେଇଥିଲା ଆଉ ପରୀକ୍ଷାଫଲ୍ ଗଲା ୪ ତାରିଖ୍ ଦିନ ବାହାରିଥିଲା । ହେଲେ ଇ ପରୀକ୍ଷାଥି ଅନିୟମିତତାକେ ନେଇକରି ପରୀକ୍ଷାର୍ଥୀମାନେ ଅଭିଯୋଗ୍ କର୍‌ବାର୍ ସଙ୍ଗେ ଫେର୍‌ଘାଏ ପରୀକ୍ଷା ଦାବି କରୁଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଓଡ଼ିଶାକେ ପୁହୁଁଚିଥିବାର୍ ବେଲେ ମାଲ୍‌କାନ୍‌ଗିରି ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ସ୍ୱାଭାବିକ୍ ସମିଆ ନୁ ୪ ଦିନ୍ ଆଘୋ ମୌସୁମୀ ଓଡ଼ିଶାକେ ଢୁକିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ ଆର୍ ନୂଆପଡ଼ା ସହେତେ ରାଜ୍ୟର୍ ୧୫ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଅନୁମାନ୍ କରାଯାଇଛେ ।

ସେଆଡ଼େ ଆଏବା ୪ ଦିନ୍‌ତକ୍ ପଶ୍ଚିମ୍ ଓଡ଼ିଶାର୍ ବଡ଼ଭାଗୀ ଇଲାକା ନ ଗ୍ରୀଷ୍ମପ୍ରବାହ ଜାରି ରହେବା । ଆଏବା ବୁଧବାର୍‌ତକ୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ବୌଦ୍ଧ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଗ୍ରୀଷ୍ମପ୍ରବାହ ଥିତି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।